11-08-2016

ପ୍ରମେୟ
THE PRAMEYA

# ଆଇଆଇଟି ଛାତ୍ରଙ୍କୁ ମିଳିବ ସୁଧମୁକ୍ତ ଋଣ

ଭୁବନେଶ୍ୱର, ୧୦।୮(ବ୍ୟୁରୋ): ଆଇଆଇଟି ସ୍ନାତକ ଛାତ୍ରଛାତ୍ରୀଙ୍କୁ ସୁଧମୁକ୍ତ ଋଣ ମିଳିପାରିବ। କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟର 'ବିଦ୍ୟାଲକ୍ଷ୍ମୀ ଯୋଜନା'ରେ ଏହି ବ୍ୟବସ୍ଥା କରାଯାଇଛି। ୫-ବର୍ଷିଆ ଇଣ୍ଟିଗ୍ରେଟେଡ୍ ଡିଗ୍ରୀ ପାଠ୍ୟକ୍ରମରେ ନାମ ଲେଖୁଥିବା ଛାତ୍ରଛାତ୍ରୀମାନଙ୍କୁ ଏହି ସୁବିଧା ମିଳିବ। ଯେଉଁ ଛାତ୍ରଛାତ୍ରୀଙ୍କ ପରିବାରର ବାର୍ଷିକ ରୋଜଗାର ୯ ଲକ୍ଷ ଟଙ୍କାରୁ କମ ଥିବ ସେମାନଙ୍କୁ ଏହି ସୁବିଧା ମିଳିବ। ଶିକ୍ଷା ଋଣ କେବଳ ଟ୍ୟୁସନ୍ ଫି' ବାବଦରେ ମିଳିପାରିବ। ୧୦ ବର୍ଷ ମଧ୍ୟରେ ଋଣ ଶୁଝିବାକୁ ପଡିବ। ତେବେ ସର୍ବାଧିକ ୫ବର୍ଷ ପର୍ଯ୍ୟନ୍ତ ଋଣ ଛାଡ କରାଯିବ। ଏଥି ପାଇଁ କୌଣସି ବନ୍ଧକ ରଖିବାକୁ କି ଚୁକ୍ତି ସ୍ୱାକ୍ଷର କରିବାକୁ ପଡିବ ନାହିଁ। ବ୍ୟକ୍ତିଗତ ଗ୍ୟାରେଣ୍ଟିରେ ଋଣ ମିଳିବ। ୨୦୧୬-୧୭ ଶିକ୍ଷାବର୍ଷରେ ନାମ ଲେଖିଥିବା ଛାତ୍ରଙ୍କୁ ଏହି ସୁବିଧା ମଳିବ। ଋଣ ପାଇଁ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ରତ୍ନମ ବରଦା ରାଜକୁମାର ଭୁବନେଶ୍ୱର ଷ୍ଟେଟ୍ ବ୍ୟାଙ୍କ୍ ସହ ଆଲୋଚନା କରିଥିବା ସୂଚନା ଦେଇଛନ୍ତି। ୫ ବର୍ଷ ପରେ ଛାତ୍ରମାନଙ୍କଠୁ ମାତ୍ର ୯.୨୪% ସୁଧ ନିଆଯିବ। ଜୁଲାଇ ୨୫ ତାରିଖ ଦିନ ପଞ୍ଜିକରଣ ସମୟରେ ବହୁ ଛାତ୍ରଛାତ୍ରୀ ସୁଧମୁକ୍ତ ଋଣ ନେବାକୁ ଆଗ୍ରହ ପ୍ରକାଶ କରି ଆବେଦନ ଫର୍ମ ନେଇଥିବା ପ୍ରଫେସର ରାଜକୁମାର ସୂଚନା ଦେଇଛନ୍ତି।